

# ଉନ୍ନତ ଗୃଷ ପ୍ରଣାଳୀ ମାଧ୍ୟମରେ ମାଣ୍ଡିଆର ଉତ୍ପାଦନ ବୃଦ୍ଧି

ମୁଁ ଜଣେ କ୍ଷୁଦ୍ର ଚାଷୀ ଏବଂ ମୋର ସମୁଦାୟ ୨ ଏକର ଜମି ଅଛି ଯେଉଁଠାରେ କି କେବଳ ଖରିଫ୍ ଋତୁରେ ହିଁ ଗୃଷ ହୋଇଥାଏ । ସେଠାରେ ମୁଖ୍ୟତଃ ମୁଁ ଧାନ, ମାଣ୍ଡିଆ ଓ ସୁଆଁ ଆଦି ଗୃଷ କରିଥାଏ । ୨୦୧୬ ମସିହାରେ ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନର ଲାନ୍‌ସା ପ୍ରକଳ୍ପ କର୍ମଗୃରୀମାନେ ଆମ ଗାଁକୁ ଆସି ଉନ୍ନତ ପ୍ରଣାଳୀରେ ମାଣ୍ଡିଆ ଗୃଷ କଲେ ଅଧିକ ଅମଳ ମିଳିବ ବୋଲି ଅବଗତ କରାଇଲେ । ସେମାନେ ଜୟପୁରଠାରେ ଥିବା ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନର ଆଞ୍ଚଳିକ କେନ୍ଦ୍ର ଠାରେ ଉନ୍ନତ ମାଣ୍ଡିଆ ଗୃଷ ପ୍ରଣାଳୀ ସମ୍ବନ୍ଧରେ ଦୁଇ ଦିନିଆ ତାଲିମ୍ କାର୍ଯ୍ୟକ୍ରମ ଆୟୋଜନ କରିବା ସଙ୍ଗେ ସଙ୍ଗେ ବୋଦାପୁଟ ଗ୍ରାମ ପଞ୍ଚାୟତ ଅଧିନସ୍ଥ ଚିକିମା ଗ୍ରାମରେ ହୋଇଥିବା ଉନ୍ନତ ପ୍ରଣାଳୀର ମାଣ୍ଡିଆ ଚାଷକୁ କ୍ଷେତ୍ର ପରିଦର୍ଶନରେ ନେଇଥିଲେ । ସେହି ଗ୍ରାମର ଚାଷୀମାନେ ଉନ୍ନତ ପ୍ରଣାଳୀରେ ମାଣ୍ଡିଆ ଗୃଷ କରି କିଭଳି ଉପକୃତ ହୋଇଛନ୍ତି ସେ ବିଷୟରେ ଆମକୁ ଅବଗତ କରାଇଲେ ।

ଆଗରୁ ମୁଁ ମୋର ୦.୩ ଏକର ଜମିରେ ପାରରିକ ପଦ୍ଧତିରେ ବୁଣା କରି ମାଣ୍ଡିଆ ଗୃଷ କରୁଥିଲି ଓ ସେଥିରୁ ୧୦୦–୧୧୫ କି.ଗ୍ରା. ଅମଳ ପାଉଥିଲି । ସେହି ଉତ୍ପାଦନ କେବଳ ୭–୮ ମାସ ପର୍ଯ୍ୟନ୍ତ ପରିବାରର ଖାଇବା ପାଇଁ ହୋଇଥାଏ ଏବଂ ବଳକା ମାସ ପାଇଁ ଆବଶ୍ୟକ ହେଉଥିବା ମାଣ୍ଡିଆ ପାଇଁ ମୋତେ ବଜାର ଉପରେ ନିର୍ଭର କରିବାକୁ ପଡୁଥିଲା । ଯେହେତୁ ମାଣ୍ଡିଆ ଆମର ସବୁଦିନିଆ ଖାଦ୍ୟ ସେଥିପାଇଁ ଆମ ନିକଟରେ ଅନ୍ୟ କିଛି ଉପାୟ ନ ଥିଲା ।

୨୦୧୭ ମସିହାରେ ତାଲିମରୁ ଶିଖିଥିବା ଉନ୍ନତ ଗୃଷ ପ୍ରଣାଳୀକୁ ପାଥେୟ କରି ମୁଁ ସେହି ୦.୩ ଏକର ଜମିରେ ମାଣ୍ଡିଆ ଗୃଷ କଲି । ଧାଡ଼ି ରୋପା ସହ ଗଛ ଓ ଧାଡ଼ି ମଧ୍ୟରେ ସଠିକ ବ୍ୟବଧାନ, ଠିକ୍ ସମୟରେ ଘାସ ବଛା ଓ ସଠିକ୍ ମାତ୍ରାରେ ସାର ପ୍ରୟୋଗ ମଧ୍ୟ କଲି । ଶେଷରେ ସେହି ୦.୩ ଏକର ଜମିରୁ ୨୦୦–୨୨୦ କି.ଗ୍ରା. ପର୍ଯ୍ୟନ୍ତ ଅମଳ ପାଇଲି । ଗାଁର ଅନ୍ୟ କିଛି ଚାଷୀ, ଯେଉଁମାନେ ମୋ ଭଳି ଉନ୍ନତ ପ୍ରଣାଳୀରେ ମାଣ୍ଡିଆ ଗୃଷ କରିଥିଲେ ସେମାନେ ମଧ୍ୟ ଭଲ ଅମଳ ପାଇଥିଲେ । ବର୍ତ୍ତମାନ ପରିବାରର ଆବଶ୍ୟକତା ଅନୁସାରେ ମୋ ପାଖରେ ଯଥେଷ୍ଟ ମାଣ୍ଡିଆ ଅଛି ଏବଂ ମୋତେ ଆଉ ବଜାର ଉପରେ ନିର୍ଭର କରିବାକୁ ପଡୁନାହିଁ ।



**ନାମ : ସୁନାଧର ନାୟକ**
ଗ୍ରାମ : ବେନ୍ଦ୍ରାଗୁଡ଼ା,
ପଞ୍ଚାୟତ ସମିତି : ବୈପାରିଗୁଡ଼ା, ଜିଲ୍ଲା : କୋରାପୁଟ
ବୟସ : ୩୫ ବର୍ଷ
ବୃତ୍ତି : କୃଷି (୨ ଏକର)
ପରିବାର ସଂଖ୍ୟା : ୮ (୫ ବୟସ୍କ, ୩ ଶିଶୁ)


ଲେଖା ଓ ପ୍ରସ୍ତୁତି: **ମେକ୍ସ ଅର୍ଥର ଗିଲ୍,**
ବୈଷୟିକ ସହାୟକ
ଏଫ୍.ଏସ୍.ଏନ୍. ଅଧ୍ୟୟନ, ଲାନ୍‌ସା



LANSA
Leveraging Agriculture for Nutrition in South Asia
MSSRF
Science For Sustainable Development